*Sethi. BPP (2025)11: I* | ପ୍ରାଚୀ ପତ୍ରିକା

ଗବେଷଣାତ୍ମକ ପ୍ରବନ୍ଧ | ମୁକ୍ତ ପ୍ରବେଶ

DOI : https://doi.org/10.5281/zenodo.15253326 | ମୂଳ ପ୍ରବନ୍ଧ

# ପ୍ରକୃତିରେ ଉଭୟ ଲିଙ୍ଗୀ ପ୍ରାଣୀଙ୍କ ସ୍ଥିତି ଓ ପୌରାଣିକ ଇଙ୍ଗିତ

**ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ**

**ସଂକ୍ଷିପ୍ତସାର:**

ପ୍ରକୃତିରେ ବହୁ ବୃକ୍ଷ ତଥା ପ୍ରାଣୀ (ପତଙ୍ଗ, ପକ୍ଷୀ, ମତ୍ସ୍ୟ, ଉଭୟଚର ଓ ଗେଣ୍ଡା ଜୋକ ପ୍ରଜାତିର ଅମେରୁଦଣ୍ଡି) ଯେଉଁ ଲିଙ୍ଗ ଥାଇ ଜନ୍ମ ନିଅନ୍ତି,ତାହାର ରୂପାନ୍ତର ସେମାନେ ରହୁଥିବା ଅନୁକୂଳ ପାରିପାର୍ଶ୍ୱିକ ଅବସ୍ଥା ଅନୁସାରେ ହୋଇଥାଏ। ସେମାନଙ୍କର ଶାରିରୀକ ବୃଦ୍ଧି ହେବା ସହ ଆଧିପତ୍ୟ ବିସ୍ତାରକାରୀ ବିପରିତ ଲିଙ୍ଗ ଭାବେ ରୂପାନ୍ତରିତ ହୋଇଥାଆନ୍ତି। ସ୍ତନ୍ୟପାୟୀ ପ୍ରାଣୀଙ୍କ କ୍ଷେତ୍ରରେ ଏ ପର୍ଯ୍ୟନ୍ତ ଏପରି ରୁପାନ୍ତର ପରିଲକ୍ଷିତ ହେଉ ନଥିବା ସ୍ଥଳେ ଭାରତୀୟ ପୂରାଣରେ ଇଳା/ସୁଦ୍ୟୁମ୍ନ ଙ୍କ ପରି ଲିଙ୍ଗ ପରିବର୍ତ୍ତନ ସମ୍ପର୍କୀତ ଚରିତ୍ରର ବହୁ ନଜିର ରହିଛି। ଲିଙ୍ଗ କ୍ରମବିବର୍ତ୍ତନ ରହସ୍ୟର ଏ ବିଜ୍ଞାନକୁ  ହଜାର ହଜାର ବର୍ଷ ପୂର୍ବେ ଅନୁସନ୍ଧାନୀ ମନିଷି ମାନେ ବୁଝିପାରି ଏହି ନିଷ୍କର୍ଷରେ ପହଂଚିଥିଲେ ଯେ ସୃଷ୍ଟିର ଅସରନ୍ତି ସର୍ଜନା କୁ ଲିଙ୍ଗ ରସୀମା ଦ୍ୱାରା ବିଭକ୍ତ କରି ଦେଖିବା ମଣିଷର ସୀମିତ ବିଚାର ବୋଧ। ପରମାତ୍ମା ରୂପ ହୀନ ଅର୍ଥାତ ଲିଙ୍ଗ ହୀନ। ତେଣୁ ସେ, ଯେ କୌଣସି ଲିଙ୍ଗଧାରୀ ହେଉନା କାହିଁକି ତାହା ଭଗବାନଙ୍କ ସୃଷ୍ଟିରେ ଅନନ୍ୟ ଏହାହିଁ ଆଜିର ଯୁଗରେ ଜଣେ ଲୋକର ସୁସ୍ଥ ମାନସିକତା  ହେବା ଚାହି ଯାହା ଲିଙ୍ଗ ବୈଷମ୍ୟକୁ ଦୂର କରିବାରେ ସହାୟକ। ଜଣେ କର୍ମଯୋଗୀ ପାଇଁ ଲିଙ୍ଗ ପ୍ରତିବନ୍ଧକ ନୁହେଁ।

**ପ୍ରମୁଖ ଶବ୍ଦାବଳୀ:**

ଉଭୟଲିଙ୍ଗୀ, କୋବୁଡାଇ, ମତ୍ସ୍ୟ, ନର୍ଦ୍ଦନ କର୍ଡିନାଲ, ପକ୍ଷୀ, ବିଅର୍ଡେଡ ଡ୍ରାଗନ, ନୀଳ ପ୍ରଜାପତି,ବାନାନା ସ୍ଲଗ, ଲିଙ୍ଗ ପୂରାଣ, ଇଳା/ସୁଦ୍ୟୁମ୍ନ, ବାହାଳିକ ରାଜ୍ୟ, ସହ୍ୟା ପର୍ବତ, "ସାରବଣ. ଅଦିତି

**ବିଷୟବସ୍ତୁ:**

ଆମ ସାମାଜିକ ବିଧି ବ୍ୟବସ୍ଥାରେ ଲିଙ୍ଗଗତ ପାର୍ଥକ୍ୟ ଯେଉଁ ଅସମାନତା ସୃଷ୍ଟି କରିଛି ତାର ମାନସିକ ପ୍ରଭାବ ଦିଗନ୍ତ ବିସ୍ତାରୀ। ଅଥଚ ପ୍ରାଚୀନ କାଳରେ ରଚିତ ବିଭିନ୍ନ ସାରସ୍ୱତ ପୌରାଣିକ ଗଳ୍ପ ରେ ନିହିତ ସାଙ୍କେତିକ ବାର୍ତ୍ତା ଏହି ତଥ୍ୟ ଦେଇଥାଏ ଯେ ପ୍ରତ୍ୟେକ ପ୍ରାଣୀଙ୍କ ମଧ୍ୟରେ ଲିଙ୍ଗ ନିର୍ବିଶେଷରେ ନିହିତ ଥାଏ ଉଭୟ ପୁରୁଷ ଓ ନାରୀ ଚେତନା। ବିବର୍ତ୍ତନର କ୍ରମ ବିକାଶରେ ଏକକୋଷୀ ପ୍ରାଣୀ ଆତ୍ମ-ବିଭାଜନ ଦ୍ୱାରା ବଂଶ ବୃଦ୍ଧି କରୁଥିଲେ। ପରେ ଉଭୟଲିଙ୍ଗୀ (hermaphrodite) ପ୍ରାଣୀ ନିଜର ବଂଶ ବିସ୍ତାର ପାଇଁ ଆବଶ୍ୟକତା ଅନୁସାରେ ନିଜର ଲିଙ୍ଗ ପରିବର୍ତ୍ତନ କରାଇବାରେ ସମର୍ଥ ଥିଲା। ସ୍ତନ୍ୟପାୟୀ ପ୍ରାଣୀଙ୍କୁ ଅନୁଶୀଳନ କରି ମନୁଷ୍ୟ କ୍ରମେ ଜନ୍ମଜାତ ଲିଙ୍ଗ କୁ ନିଜ ବ୍ୟକ୍ତିତ୍ୱର ସ୍ଥାୟୀ ପ୍ରତିକ ଭାବେ ଗ୍ରହଣ କରିନେଲା।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.15253326

Article No - BPP00288

ଯୋଗାଯୋଗ : ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ,
ଓଡିଶା ପ୍ରସାଶନିକ ଅଧିକାରୀ,
ବାଲେଶ୍ୱର, ବାଲିଆପାଳ ତହସିଲଦାର
**Email :** saisri.sethi@gmail.com
**ORCID ID:** https://orcid.org/0000-0003-4860-245X

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୩.୧୨.୨୦୨୪ | ୧୦.୦୨.୨୦୨୫ | ୨୫.୦୩.୨୦୨୫ | ୧.୦୪.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ସେଠୀ, ସାଇଶ୍ରୀ ଲୋକନାଥ ପ୍ରସାଦ; ୨୦୨୫। ପ୍ରକୃତିରେ ଉଭୟ ଲିଙ୍ଗୀ ପ୍ରାଣୀଙ୍କ ସ୍ଥିତି ଓ ପୌରାଣିକ ଇଙ୍ଗିତ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : କ, ପୃଷ୍ଠା :୪୭-୫୦।

କିନ୍ତୁ ପ୍ରକୃତି ରେ ଏବେ ମଧ୍ୟ ବହୁ ବୃକ୍ଷ ତଥା ପ୍ରାଣୀ(ପତଙ୍ଗ, ପକ୍ଷୀ, ମତ୍ସ୍ୟ, ଉଭୟଚର ଓ ଗେଣ୍ଡା ଜୋକ ପ୍ରଜାତିର ଅମେରୁଦଣ୍ଡି) ଯେଉଁ ଲିଙ୍ଗ ଥାଇ ଜନ୍ମ ନିଅନ୍ତି,ତାହାର ରୂପାନ୍ତର ସେମାନେ ରହୁଥିବା ଅନୁକୂଳ ପାରିପାର୍ଶ୍ୱିକ ଅବସ୍ଥା ଅନୁସାରେ ହୋଇଥାଏ। ସେମାନଙ୍କର ଶାରିରୀକ ବୃଦ୍ଧି ହେବା ସହ ଆଧିପତ୍ୟ ବିସ୍ତାରକାରୀ ବିପରିତ ଲିଙ୍ଗ ଭାବେ ରୂପାନ୍ତରିତ ହୋଇଥାଆନ୍ତି। କିଛି ପ୍ରାଣୀଙ୍କର ବୟସ, ଆକାର ଓ ସେମାନେ ରହୁଥବା ଦଳରେ ସେମାନଙ୍କ ସାମାଜିକ ସ୍ଥିତି ଅନୁସାରେ ସେମାନଙ୍କର ଲିଙ୍ଗ ବାରମ୍ବାର ରୂପାନ୍ତରିତ ହୋଇଥାଏ। ସ୍ତନ୍ୟପାୟୀ ପ୍ରାଣୀଙ୍କ କ୍ଷେତ୍ରରେ ଏ ପର୍ଯ୍ୟନ୍ତ ଏପରି ରୂପାନ୍ତର ପରିଲକ୍ଷିତ ହେଉ ନଥିବା ସ୍ଥଳେ ଭାରତୀୟ ପୂରାଣରେ ଲିଙ୍ଗ ପରିବର୍ତ୍ତନର ବହୁ ନଜିର ରହିଛି। ବୋଧହୁଏ ଲିଙ୍ଗ କ୍ରମବିବର୍ତ୍ତନ ରହସ୍ୟର ଏ ବିଜ୍ଞାନକୁ ହଜାର ହଜାର ବର୍ଷ ପୂର୍ବେ ଜୀବ ବିଜ୍ଞାନ ଉପରେ ଗବେଷଣାରତ ଅନୁସନ୍ଧାନୀ ମନିଷି ମାନେ ବୁଝିପାରି ଥିଲେ। ପୌରାଣିକ ଚରିତ୍ର ଦ୍ୱାରା ସେ ସବୁକୁ କାଳଜୟୀ ରଚନାରେ କିପରି ପ୍ରତିଫଳିତ କରିପାରିଥିଲେ ତାହା ବାସ୍ତବରେ ବିସ୍ମୟ ସୃଷ୍ଟି କରେ। ତାହା କଳ୍ପନା ପ୍ରସୁତ ନା ପ୍ରାକୃତିକ ବୈଚିତ୍ର୍ୟର ବାସ୍ତବତା ଉପରେ ଆଧାରିତ ତାହା ବିଶ୍ଳେଷଣ ସାପେକ୍ଷ। ଲିଙ୍ଗ କ୍ରମବିବର୍ତ୍ତନ ବିଜ୍ଞାନକୁ ସ୍ମୃତିରେ ସାଇତି ରଖିବା ଲାଗି ପୌରାଣିକ ଗାଥାରେ ଏହାକୁ ରୋଚକ ଗଳ୍ପ ଭାବେ ଉପସ୍ଥାପନ କରା ଯାଇ ଥିବାର ପ୍ରମାଣ ମିଳୁଛି। ହଜାର ହଜାର ବର୍ଷ ପୂର୍ବେ ଜୀବ ବିଜ୍ଞାନ ଉପରେ ଗବେଷଣାରତ ଅନୁସନ୍ଧାନୀ ମନିଷି ମାନେ ଲିଙ୍ଗ କ୍ରମବିବର୍ତ୍ତନ ବିଜ୍ଞାନକୁ ସାଧାରଣ ଜନତାଙ୍କ ଧାରଣା ଅନ୍ତର୍ଭୁକ୍ତ କରିବା ପାଇଁ ମନୋବୈଜ୍ଞାନିକ ଢାଂଚାରେ ପୂରାଣ ସାହାଯ୍ୟରେ ଲିଙ୍ଗ ବିବର୍ତନ ତଥ୍ୟକୁ ପରିବେଷଣ କରିଛନ୍ତି। ମୀନ ଅବତାରରୁ ଆରମ୍ଭ ପୂରାଣ କ୍ରମ ବିବର୍ତ୍ତନ(ଉଭୟ ମନ ଓ ପ୍ରାଣ ସତା) ସମ୍ପର୍କରେ ଆମକୁ ସୂଚିତ କରେ। ଏକ ତୁଳନାତ୍ମକ ଅନୁଶୀଳନ ଦ୍ୱାରା ଏହାକୁ ବୁଝିବା ସହଜ ହେବ।

ପ୍ରକୃତିର ବିଶାଳ ଚମତ୍କାରୀ ଶକ୍ତି ବର୍ତ୍ତମାନର ତଥାକଥିତ ବୈଜ୍ଞାନିକ ସିଦ୍ଧାନ୍ତକୁ ଅନେକ ସମୟରେ ହତଚକିତ କରିଥାଏ। ଯେମିତିକି ଆମର ପ୍ରଚଳିତ ଧାରଣା ଯେ ମାତୃଗର୍ଭରୁ ଜଣେ ଯେଉଁ ଲିଙ୍ଗ ଧାରଣ କରି ଜନ୍ମ ଗ୍ରହଣ କରିଥାଏ, ତାହା ପ୍ରାକୃତିକ ଭାବେ ତାହାର ମୃତ୍ୟୁ ପର୍ଯ୍ୟନ୍ତ ତାର ଶାରିରୀକ ଲିଙ୍ଗଗତ ପରିଚୟ ଭାବେ ରହିଥାଏ। ହେଲେ ପ୍ରକୃତିରେ ଏହାର ବହୁ ବ୍ୟତିକ୍ରମ ଦେଖିବାକୁ ମିଳେ।

ସେପରି ଏକ ପ୍ରାଣୀ ହେଉଛି ଏସୀୟ ମେଣ୍ଢାମୁଣ୍ଡିଆ ସାମୁଦ୍ରିକ ମତ୍ସ୍ୟ(ବୈଜ୍ଞାନିକ ନାମ-ବୋଡିଆନସ ରେଟିକୁଲାଟସ)। ଜାପାନରେ ପ୍ରିୟ ଖାଦ୍ୟ ଭାବେ ପସନ୍ଦ କରା ଯାଉଥିବାଏହି ମାଛ କୋବୁଡାଇ ମତ୍ସ୍ୟ ଭାବେ ପରିଚିତ। ଏହା ଏକ ମୋଟା ଓଠ ଓ କଂଟକିତ ଶରୀର ଧାରୀ ମାଛ ପ୍ରଜାତିର। ୨୦ ବର୍ଷ ପର୍ଯ୍ୟନ୍ତ ବଂଚି ପାରୁଥିବା ଏହି ମାଛର ଲମ୍ବ ୧୦୦ ସେଂଟି ମିଟର ଓ ଓଜନ ପ୍ରାୟ ୩୦ ପାଉଣ୍ଡ ପର୍ଯ୍ୟନ୍ତ ହୋଇଥାଏ। ବର୍ତମାନର ଜୀବ ବିଜ୍ଞାନୀ ଓ ଅନୁସନ୍ଧାନୀ ମାନେ ଏହି ନିଷ୍କର୍ଷରେ ପହଂଚିଛନ୍ତି ଯେ ଏପରି ବହୁ ଅନାବିଷ୍କୃତ ପ୍ରାଣୀ ଥାଇ ପାରନ୍ତି ଯାହାଙ୍କ ଲିଙ୍ଗ ପ୍ରାକୃତିକ ଭାବେ ରୂପାନ୍ତରିତ ହୋଇ ଥାଏ। ଏପରି ଏକ ଜୀବ ହେଉଛି କୋବୁଡାଇ ମାଛ। ସବୁ କୋବୁଡାଇ(Hump Head Wrasse ) ମତ୍ସ୍ୟ ପ୍ରଜାତି ଜନ୍ମରୁ ସ୍ତ୍ରୀଲିଙ୍ଗ ଥାଇ ଜନ୍ମ ନିଅନ୍ତି ଏବଂ ସେମାନେ ଅନୁକୂଳ ପାରିପାର୍ଶ୍ୱିକ ଅବସ୍ଥାରେ କ୍ରମେ ନିଜର ବୃଦ୍ଧି ସହ ଆଧିପତ୍ୟ ବିସ୍ତାରକାରୀ ପୁରୁଷ ମାଛ ଭାବେ ରୂପାନ୍ତରିତ ହୋଇଥାଆନ୍ତି। ସେହିପରି କ୍ଲୌନ (Clown Fish) ମାଛ ପ୍ରଜାତି ଜନ୍ମରୁ ପୁରୁଷ ଲିଙ୍ଗ ଥାଇ ଜନ୍ମ ନିଅନ୍ତି ଏବଂ ସେମାନେ ଅନୁକୂଳ ପାରିପାର୍ଶ୍ୱିକ ଅବସ୍ଥା ଓ ଆବଶ୍ୟକତା ଅନୁସାରେ ସ୍ତ୍ରୀମାଛ ଭାବେ ରୂପାନ୍ତରିତ ହୋଇ ଥାଆନ୍ତି। ଗୋବି ପ୍ରଜାତିର କେତେକ ମାଛଙ୍କର ବୟସ, ଆକାର ଓ ସେମାନେ ରହୁଥବା ଦଳରେ ସେମାନଙ୍କ ସାମାଜିକ ସ୍ଥିତି ଅନୁସାରେ ସେମାନଙ୍କର ଲିଙ୍ଗ ବାରମ୍ବାର ରୂପାନ୍ତରିତ ହୋଇଥାଏ। ଯଦି ଆଧିପତ୍ୟ ବିସ୍ତାରକାରୀ ସ୍ତ୍ରୀ ମାଛର ମୃତ୍ୟୁ ହୁଏ ତେବେ ବଡ ପୁରୁଷ ମାଛ ସ୍ତ୍ରୀ ମାଛ ଭାବେ ରୂପାନ୍ତରିତ ହୋଇ ଥାଆନ୍ତି ଏବଂ ସେହି ଦଳର ଅନଭିଜ୍ଞ ମାଛ ପୁରୁଷ ମାଛ ଭାବରେ ଅପତ୍ୟ ଉତ୍ପାଦନରେ ସାଥିରୂପେ କାମ କରି ଥାଆନ୍ତି। ସେହିପରି ନର୍ଦ୍ଦନ କର୍ଡିନାଲ (Northern Cardinal)ପକ୍ଷୀ, ମାଇ ଚଢେଇ ମାନେ ରହୁଥିବା ଦଳର ଆବଶ୍ୟକତା ଅନୁସାରେ ପୁରୁଷ ପକ୍ଷୀ ଭାବେ ରୂପାନ୍ତରିତ ହୋଇଥାଆନ୍ତି। ସେହିପରି ବିଅର୍ଡେଡ ଡ୍ରାଗନ (Bearded Dragon), ରିଡ ଫ୍ରଗ(Reed Frog), ହକ୍ ଫିସ୍(Hawk Fish), ସି ବାସ(Sea Bass), ନୀଳ ପ୍ରଜାପତି (Blue Butterfly),ବାନାନା ସ୍ଲଗ(Sea Banana Slug).ପରି ବହୁ ପ୍ରାଣୀଙ୍କର ଜନ୍ମ ସମୟର ଲିଙ୍ଗ ପରବର୍ତ୍ତୀ ଅବସ୍ଥାରେ ପରିସ୍ଥିତି ଓ ଆବଶ୍ୟକତା ଅନୁସାରେ ରୂପାନ୍ତରିତ ହୋଇଥାଏ।

ସୃଷ୍ଟିର ଏପରି ଅନେକ ବୈଚିତ୍ର୍ୟ ଏବେ ମଧ୍ୟ ବୈଜ୍ଞାନିକ ବିଶ୍ଳେଷଣ ଓ ନିଷ୍କର୍ଷର ବହୁ ଉର୍ଦ୍ଧ୍ୱରେ। ଭେଷଜ ବିଜ୍ଞାନର ବୈପ୍ଳବିକ ପ୍ରଗତି ହେତୁ ବର୍ତ୍ତମାନ ପ୍ଲାଷ୍ଟିକ ସର୍ଜରୀ ମାଧ୍ୟମରେ ଲିଙ୍ଗ ପରିବର୍ତ୍ତନ କରାଯାଇ ପାରୁଛି। ଅଥଚ ହଜାର ବର୍ଷ ପୂର୍ବେ ଲିଖିତ ପୂରାଣର ରଚୟିତା ମାନେ ପ୍ରକୃତିରେ ସତ୍ୱ, ରଜସ ଓ ତମଃ ଗୁଣ ପ୍ରଭାବରେ ଏପରି ଅନ୍ତଃସ୍ରାବୀ ଗ୍ରନ୍ଥି କ୍ଷରଣ ହେତୁ ପ୍ରାଣୀଙ୍କ ଲିଙ୍ଗ ପରିବର୍ତନର ବିଭିନ୍ନ ଦିଗ ସହ କିପରି ପରିଚିତ ଥିଲେ ତାହା ଜାଣି ଆଶ୍ଚର୍ଯ୍ୟ ଲାଗେ। ଯେମିତି ବହୁ ହିନ୍ଦୁ ପୌରାଣିକ ବର୍ଣ୍ଣନାରେ ଅର୍ଦ୍ଧନାରୀଶ୍ୱର ଭାବେ ମହାଦେବ ଶିବ ଓ ପାର୍ବତୀଙ୍କ ମିଳିତ ରୂପର ବାଖ୍ୟା ରହିଛି ସେପରି ମହାଭାରତ ଓ ଲିଙ୍ଗ ପୂରାଣରେ ଇଳା ନାମକ ଦିବ୍ୟ ମାନବ

ଚରିତ୍ରର ଲିଙ୍ଗ ପରିବର୍ତ୍ତନ ସମ୍ପର୍କରେ ବର୍ଣ୍ଣନା ରହି ଅଛି।ଗ୍ରୀକ ଉଭୟଲିଙ୍ଗୀ ପୌରାଣିକ ଚରିତ୍ର ହରମାଫ୍ରୋଡାଇଟସ, ଦେବୀ ହରମେସ ଓ ଦେବତା ଆଫ୍ରୋଡାଇଟଙ୍କ ସନ୍ତାନ। ସେଥିରୁ ଉଦଭ ଇଂଗ୍ରାଜୀ ଶବ୍ଦ (hermaphrodite) ଅର୍ଥାତ ଉଭୟଲିଙ୍ଗୀ ।

**ଆଲୋଚନା:**

ଇଳା ହେଉଛନ୍ତି ମନୁଷ୍ୟ ଜାତିର ପିତା ଭୈଭସ୍ୱତ ମନୁ (କିଛି ପୁରାଣ ଅନୁସାରେ କର୍ଦ୍ଦମ)ଓ ତାଙ୍କର ଧର୍ମପତ୍ନୀ (ସ୍ତ୍ରୀ)ଶ୍ରଦ୍ଧା ଙ୍କର ଜ୍ୟେଷ୍ଠା କନ୍ୟା ସନ୍ତାନ। ଏହି ଦିବ୍ୟ ଦମ୍ପତୀ ବହୁଦିନ ଧରି ସନ୍ତାନହୀନ ରହିଥିବାରୁ ଅଗସ୍ତ୍ୟ ଋଷିଙ୍କ ପରାମର୍ଶରେ ପ୍ରଥମେ ମିତ୍ର ଏବଂ ବରୁଣ ନାମକ ଦୁଇ ଦେବତାଙ୍କ ଉଦ୍ଦେଶ୍ୟରେ ଯଜ୍ଞ ଓ ତପସ୍ୟା କରି ଏକ ପୁତ୍ର ସନ୍ତାନ କାମନା କରି ଥିଲେ। କିନ୍ତୁ ଯଜ୍ଞ ଓ ତପସ୍ୟାରେ ମନ୍ତ୍ରର ଭୁଲ ଉଚ୍ଚାରଣ ହେଉ ଅଥବା ଦମ୍ପତିଙ୍କ ଅଲଗା ଅଲାଗା ମନୋସ୍କାମନା ହେତୁ ସେମାନଙ୍କର ଏକ କନ୍ୟା ସନ୍ତାନ ଜନ୍ମ ଗ୍ରହଣ କରି ଥିଲା। ତାହାର ନାମ "ଇଳା" ରଖା ଯାଇଥିଲା। ସନ୍ତାନ ଟି କନ୍ୟା ରୂପେ ଜନ୍ମ ଗ୍ରହଣ କରଥବା ହେତୁ ତାର ପିତା ମନୁ ଓ ତାଙ୍କର ମାତା ଶ୍ରଦ୍ଧା ପୁନଃ ଏକ ପୁତ୍ର ସନ୍ତାନ ଲାଗି ଆକୁଳ ପ୍ରାର୍ଥନା କରିଥିଲେ। ଏଥିରେ ପ୍ରଭାବିତ ବଶିଷ୍ଠ ଋଷିଙ୍କ ନିବେଦନରେ ବିଷ୍ଣୁଙ୍କ କରୁଣାରୁ ସେହି କନ୍ୟା "ଇଳା" ଙ୍କର ଲିଙ୍ଗ ପରିବର୍ତନ ହୋଇଥିଲା ଓ ସେ ଏକ ପୁତ୍ର ରେ ରୂପାନ୍ତରିତ ହୋଇଥିଲେ। ତେଣୁ ପରେ ତାଙ୍କର ନାମ ଇଳା ପରିବର୍ତ୍ତେ ସୁଦ୍ୟୁମ୍ନ ରଖା ଯାଇଥିଲା। "ଇଳା/ସୁଦ୍ୟୁମ୍ନ"ଙ୍କର ନଅଜଣ ଭାଇ ଥିଲେ। ତନ୍ମଧ୍ୟରୁ ଇକ୍ଷ୍ୱାକୁ ସୂର୍ଯ୍ୟ ରାଜବଂଶର ପ୍ରତିଷ୍ଠାତା ଭାବେ ସବୁଠାରୁ ଅଧିକ ପ୍ରସିଦ୍ଧ ଥିଲେ। ମନୁଙ୍କ ପୁତ୍ର ହେତୁ "ଇଳା/ ସୁଦ୍ୟୁମ୍ନ" ସୂର୍ଯ୍ୟଙ୍କର ନାତି ଅଟନ୍ତି। ରାମାୟଣର ଉତ୍ତରାଖଣ୍ଡ ଆଧ୍ୟରେ ଅଶ୍ୱମେଧ ଯଜ୍ଞର ମହମା ବର୍ଣ୍ଣନାରେ "ଇଳା/ ସୁଦ୍ୟୁମ୍ନ"ଙ୍କର ବିଷୟରେ ବ୍ୟାକ୍ଷା ରହିଛି। ପୌରାଣିକ କଥା ଅନୁସାରେ ଇଳା/ସୁଦ୍ୟୁମ୍ନଙ୍କର ବୟସବୃଦ୍ଧି ହେବାରୁ ତାଙ୍କୁ ବାହ୍ଲିକ/ବାହାଲିକ ରାଜ୍ୟର ରାଜା ରୂପେ ଅଭିଷିକ୍ତ କରା ଯାଇ ଥିଲା। ସେ ଜଙ୍ଗଲରେ ଏକ ମୃଗ ବେଶରେ ଥିବା ଯକ୍ଷକୁ ଶୀକାର କରୁଥିବା ସମୟରେ ଯକ୍ଷର ସ୍ତ୍ରୀ ନିଜ ସ୍ୱାମୀକୁ ବଂଚାଇବା ପାଇଁ ମୃଗୁଣୀ ରୂପରେ ଆସି ସୁଦ୍ୟୁମ୍ନଙ୍କୁ ଭ୍ରମିତ କରି ସହ୍ୟା ପର୍ବତରେ ଥିବା ଦେବୀ ପାର୍ବତୀଙ୍କ ପରିବର୍ଦ୍ଧିତ "ସାରବଣ" ବନାଂଚଳ ଭିତରକୁ ନେଇ ଆସିଥିଲା। ନିଜର ଅଜ୍ଞତା ବଶତଃ ସୁଦ୍ୟୁମ୍ନ ଏଠାରେ ପାର୍ବତୀଙ୍କ ବିନା ଅନୁମତିରେ ପ୍ରବେଶ କରିଥିଲେ। ଏହି ବଣର ମହତ୍ୱ ଏପରି, ଯେ, ଦେବୀ ପାର୍ବତୀଙ୍କ ପତି ମହାଦେବ ଶିବଙ୍କ ବ୍ୟତୀତ ଅନ୍ୟ କୌଣସି ପୁରୁଷ ଜୀବନ୍ତ ପ୍ରାଣୀ ଅବା ବୃକ୍ଷ ସେ ଇଲାକାରେ ପ୍ରବେଶ କରିବା ମାତ୍ରେ ସ୍ତ୍ରୀ ଭାବରେ ରୂପାନ୍ତରିତ ହୋଇ ଯାଇ ଥାଆନ୍ତି। ଦୈବିକ ନିୟମ ଅନୁସାରେ ସୁଦ୍ୟୁମ୍ନଙ୍କ ସହ ତାଙ୍କର ଅଶ୍ୱର ମଧ୍ୟ ଲିଙ୍ଗ ପରିବର୍ତ୍ତନ ହୋଇ ଯାଇଥିଲା। ନିଜର ଅଜ୍ଞତା ପାଇଁ ସୁଦ୍ୟୁମ୍ନ କରୁଣାମୟୀ ଦେବୀ ପାର୍ବତୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିଥିଲେ। ଏଥିରେ ପ୍ରସନ୍ନ ହୋଇ ଦେବୀ ପାର୍ବତୀ ସୁଦ୍ୟୁମ୍ନଙ୍କୁ ଆଂଶିକ ଶାପମୁକ୍ତ କରିଥିଲେ। ସୁଦ୍ୟୁମ୍ନଙ୍କର ପ୍ରତି ମାସ ଅନ୍ତରରେ ତାଙ୍କ ନିଜର ଲିଙ୍ଗ ପରିବର୍ତ୍ତନ ହେବାର ବରଦାନ କରିଥିଲେ। ଏହି ସର୍ତ୍ତରେ ଯେ ଲିଙ୍ଗ ପରିବର୍ତ୍ତନ ହେବାସହ ସୁଦ୍ୟୁମ୍ନ ତାଙ୍କ ପୂର୍ବ ଲିଙ୍ଗ ସମ୍ବଳିତ ଅଭିଜ୍ଞତା ମଧ୍ୟ ବିସ୍ମୃତ ହୋଇଯିବାର ପ୍ରତିସର୍ତ୍ତ ରହିଥିଲା। କୁହାଯାଏ ଯେ ଚନ୍ଦ୍ର ରାଜବଂଶର ପ୍ରତିଷ୍ଠା ପାଇଁ ଏହା ମହାଦେବ ଶିବଙ୍କ ଯୋଜନା ଅନ୍ତର୍ଭୁକ୍ତ ଥିଲା ।

ଯେତେବେଳେ ଅଭିଶପ୍ତ ସୁଦ୍ୟୁମ୍ନ ମହିଳା ଭାବେ ଇଳାନାମ ରେ ବନସ୍ତ ମ୍ନରେ ନୂତନ ରୂପେ ଜୀବନ ଧାରଣ କରୁଥିଲେ, ସେତେବେଳେ ସେ ଚନ୍ଦ୍ର ଦେବତାଙ୍କ ପୁତ୍ର, ବୁଦ୍ଧ ଗ୍ରହଙ୍କର ସମ୍ପର୍କରେ ଆସିଥିଲେ। ଯୁବତୀ ଇଳାଙ୍କ ସୌନ୍ଦର୍ଯ୍ୟ ରେ ଆକୃଷ୍ଟ ହୋଇ ବୁଦ୍ଧ ଦେବତା ତାଙ୍କୁ ପ୍ରେମ ବିବାହ କରିଥିଲେ। କିନ୍ତୁ ଯେତେବେଳେ ଏକ ମାସ ଅତିକ୍ରାନ୍ତ ହେବା ଅନ୍ତରାଳରେ ଇଳା ପୁଣି ସୁଦ୍ୟୁମ୍ନ (ପୁରୁଷ ରୂପ)କୁ ପରିବର୍ତ୍ତିତ ହେଉଥିଲେ ସେତେବେଳେ ବୁଦ୍ଧ ଦେବତା ଦୁର୍ବିପାକରେ ନିଜକୁ ପରିଜନ ହରାଇଥିବା ଉଭୟଲିଙ୍ଗିର ଏକ ମିଥ୍ୟା ପରିଚୟ ଦେଇ ତାଙ୍କ ସହାନୁଭୁତି ହାସଲ କରି ତାଙ୍କ ନିକଟରେ ପରିଚାରକ ରୂପେ ରହୁଥିଲେ। ଅଭିଷାପ ଯୋଗୁଁ ଇଳା ଓ ସୁଦ୍ୟୁମ୍ନ ଏକହିଁ ବ୍ୟକ୍ତି ହୋଇଥିଲେ ମଧ୍ୟ ନିଜର ପରିବର୍ତିତ ଲିଙ୍ଗ ସମ୍ବଳିତ ଅଭିଜ୍ଞତାକୁ ମଧ୍ୟ ବିସ୍ମୃତ ହୋଇ ଯାଉଥିବାରୁ ବୁଦ୍ଧ ଦେବତା ଏପରି ଭାବେ ଇଳାଙ୍କ ସହ ଏକ ବର୍ଷ ଧରି ଦାମ୍ପତ୍ୟ ଜୀବନ ବିତାଇ ଥିଲେ। ଫଳରେ ମହିଳା ଭାବେ ନବମ ମାସ ଅତିକ୍ରାନ୍ତ ହେବା ପରେ ଇଳା "ପୁରୁରଭା" ନାମକଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ, ଯେ କି ଚନ୍ଦ୍ର ରାଜବଂଶର ପ୍ରଥମ ରାଜା ରୂପେ ଅଭିଷିକ୍ତ ହୋଇଥିଲେ। ସେମିତି ସୁଦ୍ୟୁମ୍ନ ପୁରୁଷ ଥିବା ବେଳେ ବିବାହ କରି "ଉତ୍କଳ", "ଗୟା" ଏବଂ "ଭିନତଶ୍ୱ" ନାମକ ତିନି ପୁତ୍ରଙ୍କ ଜନକ ହୋଇଥିଲେ। ସଂକ୍ଷେପ ରେ କୁହାଯାଇ ପାରେ ଯେ ଶିବଙ୍କ ମହିମାରୁ ଇଳା ସବୁଦିନ ପାଇଁ ପୁରୁଷ ରୂପ ସୁଦ୍ୟୁମ୍ନକୁ ଫେରି ପାଇ ଥିଲେ। ତାଙ୍କ ପୁତ୍ର "ପୁରୁରଭା" ପ୍ରାପ୍ତ ବୟସ୍କ ହେବାପରେ ସୁଦ୍ୟୁମ୍ନ ନିଜ ରାଜ୍ୟଭାର ତାଙ୍କୁ ଅର୍ପଣ କରି ନାରଦଙ୍କ ପରାମର୍ଷରେ ନବାକ୍ଷରୀ ମନ୍ତ୍ର ଦ୍ୱାରା ପରମ ଦିବ୍ୟ ଜନନୀ ମାତୃ ଶକ୍ତିଙ୍କୁ ପ୍ରସନ୍ନ କରି ଥିଲେ। ଦିବ୍ୟ ଜନନୀ ସୁଦ୍ୟୁମ୍ନଙ୍କୁ ଇଳା ରୂପରେହିଁ ଦେଖା ଦେଇ ଥିଲେ ଏବଂ ଇଳା ଓ ସୁଦ୍ୟୁମ୍ନ ଏକହିଁ ବ୍ୟକ୍ତି ଭାବେ ମୋକ୍ଷ ପ୍ରାପ୍ତି ହୋଇ ଥିଲେ।

**ଉପସଂହାର:**

ରିଗ ବେଦରେ ଦେବ ମାତା ଅଦିତିଙ୍କୁ ସୃଷ୍ଟିର ମୂଳ ଭାବେ ବର୍ଣ୍ଣନା କରା ଯାଇ ଅଛି। ଅଦିତି ରଅର୍ଥ ସୀମା ହୀନ ବା ଅସରନ୍ତି। ଏଣୁ ସୃଷ୍ଟିର ଅସରନ୍ତି ସର୍ଜନା କୁ ଲିଙ୍ଗ ରସୀମା ଦ୍ୱାରା ବିଭକ୍ତ କରି

ଦେଖିବା ମଣିଷର ସୀମିତ ବିଚାର ବୋଧ। ପରମାତ୍ମା ରୂପ ହୀନ ଅର୍ଥାତ ଲିଙ୍ଗ ହୀନ। ଆଜିର ବିଜ୍ଞାନ ଯୁଗରେ ପୁଅରୁ ଝିଅ ହେବା ବା ଝିଅରୁ ପୁଅ ହେବା ଖବର ସମ୍ବାଦପତ୍ର ରେ ପଢି ଲୋକଙ୍କ ବିଦ୍ରୁପାତ୍ମକ ମନ୍ତବ୍ୟ ଶୁଣିବାକୁ ମିଳେ। କନ୍ୟା ଭ୍ରୂଣ ହତ୍ୟା କଳଙ୍କ ଆମ ସାମାଜିକ ବ୍ୟବସ୍ଥା ପ୍ରତି ବିପଦ। ତେଣୁ ସେ, ଯେ କୌଣସି ଲିଙ୍ଗଧାରୀ ହେଉନା କାହିଁକି ତାହା ଭଗବାନଙ୍କ ସୃଷ୍ଟିରେ ଅନନ୍ୟ ଏହାହିଁ ଆଜିର ଯୁଗରେ ଜଣେ ଲୋକର ସୁସ୍ଥ ମାନସିକତା ହେବା ଚାହି ଯାହା ଲିଙ୍ଗ ବୈଷମ୍ୟକୁ ଦୂର କରିବାରେ ସହାୟକ। ଜଣେ କର୍ମଯୋଗୀ ପାଇଁ ଲିଙ୍ଗ ପ୍ରତିବନ୍ଧକ ନୁହେଁ।

**ସହାୟକ ଗ୍ରନ୍ଥସୂଚୀ:**


- "Tractus de Hermaphrodites; A treatise of Hermaphrodites by Giles Jacob, Hermaphroditism: A primer on the Biology, Ecology, and Evolution of dual sexuality by John C. Avise, what is a Hermaphrodite? By D.O. Cauldwell
- ଲିଙ୍ଗ ପୁରାଣ, ମତ୍ସ୍ୟ ପୁରାଣ, ସତପଥବ୍ରାହ୍ମଣ, ବାୟୁ ପୁରାଣ, ଉତରା କାଣ୍ଡ-ରାମାୟଣ, ଭାଗବତ ପୁରାଣ, ମହାଭାରତ, ବିଷ୍ଣୁ ପୁରାଣ,


❖ ❖ ❖